# NATIONAL NEWS BULLETIN (ODIA)

**13 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ ଓ ସ୍ଲୋଭାକିଆକୁ ୬ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

–ଆସନ୍ତାକାଲି ନିସ୍‌ଠାରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା

- ଡେରାଡୁନସ୍ଥିତ ଭାରତୀୟ ସାମରିକ ଏକାଡେମୀରେ ୧୫୮ତମ ପାସିଙ୍ଗ୍ ଆଉଟ୍ ପରେଡରେ ଅଭିବାଦନ ଗ୍ରହଣ କଲେ ରାଷ୍ଟ୍ରପତି

- ଆସାମର ଜୋରହାଟ ଘାଟିରେ ଦୁର୍ଘଟଣାଗ୍ରସ୍ତ ହେଲା ବାୟୁସେନାର ଏଏମ୍-୩୨ ପରିବହନ ବିମାନ

- ସଂଘର୍ଷର ଅବସାନ ନେଇ ଆମେରିକା ସହିତ ଚୂଡ଼ାନ୍ତ ଶାନ୍ତି ଚୁକ୍ତି ସ୍ୱାକ୍ଷରକୁ ପ୍ରତ୍ୟାଖ୍ୟାନ କଲା ଇରାନ

ଏବଂ

- ବର୍ଷା ଯୋଗୁଁ ବିଳମ୍ବ ହୋଇଛି ଭାରତ-ଆଫଗାନିସ୍ତାନ ପୁରୁଷବର୍ଗ ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍

---

## ପିଏମ୍–ଡେପାରଚର ଷ୍ଟେଟ୍‌ମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୬ ଦିନିଆ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତରେ ଯାଇଛନ୍ତି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ

ଆସନ୍ତାକାଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ନିସ୍‌ଠାରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ନେତା ଭାରତ ଓ ଫ୍ରାନ୍ସ ଦ୍ୱିପାକ୍ଷିକ ସଂପର୍କର ଅଗ୍ରଗତି ନେଇ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ସେଠାରେ ଭାରତ ଇନୋଭେଟ୍‌ସ କାର୍ଯ୍ୟକ୍ରମର ଉଭୟ ନେତା ମିଳିତ ଭାବେ ଉଦ୍‌ଘାଟନ କରିବେ । ଭାରତ, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ଦେଶର ଶ୍ରେଷ୍ଠ ନବସୃଜନ ଷ୍ଟାର୍ଟଅପ୍ ତଥା ନିବେଶକଙ୍କୁ ଏହି କାର୍ଯ୍ୟକ୍ରମ ଏକତ୍ରିତ କରିବ ।

ଗସ୍ତ ବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀଠାରେ ଶ୍ରୀ ମୋଦୀ କହିଛନ୍ତି, ଭାରତର ରଣନୈତିକ ଦୃଷ୍ଟିକୋଣରେ ଫ୍ରାନ୍ସର ଏକ ବିଶେଷ ସ୍ଥାନ ରହିଛି । ଦ୍ୱିପାକ୍ଷିକ, ଆର୍ଥିକ ଏବଂ ସାଂସ୍କୃତିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଭାରତ ଇନୋଭେଟ୍‌ସ କାର୍ଯ୍ୟକ୍ରମ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରକୁ ବିଶ୍ୱସ୍ତରୀୟ ନିବେଶ ସହ ସଂଯୋଗ ସ୍ଥାପନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହା ପରେ ନିସ୍‌ରୁ ଶ୍ରୀ ମୋଦୀ ଆସନ୍ତାକାଲି ସ୍ଲୋଭାକିଆକୁ ଦୁଇଦିନିଆ ଗସ୍ତରେ ଯିବେ । ୧୯୯୩ ମସିହାରେ ସ୍ଲୋଭାକିଆ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ପାଇବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ସ୍ଲୋଭାକିଆ ଗଣରାଜ୍ୟକୁ ପ୍ରଥମ ଗସ୍ତ ହେବ । ସେଠାରେ ଶ୍ରୀ ମୋଦୀ ସ୍ଲୋଭାକିଆର ଶୀର୍ଷ ନେତୃମଣ୍ଡଳୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ ।  ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ସ୍ଲୋଭାକିଆ ପ୍ରତିପକ୍ଷ ଫିକୋ ଏବଂ ସେଠାକାର ରାଷ୍ଟ୍ରପତି ପେଲେଗ୍ରିନିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ

ଦେଶ ମଧ୍ୟରେ ୨୦୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ଏକବିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରିଥିବା ବେଳେ ଗତବର୍ଷ ଏହା ୧ ଦଶମିକ୍ ୮ ବିଲିୟନ୍ ଡଲାର୍‌କୁ ବୃଦ୍ଧି ପାଇଥିଲା ।

ସ୍ଲୋଭାକିଆ ଗସ୍ତ ଶେଷ କରି ଶ୍ରୀ ମୋଦୀ ଫ୍ରାନ୍ସର ଏଭିଏନ୍‌କୁ ଗସ୍ତ କରିବେ । ସେଠାରେ ୧୬ ଓ ୧୭ ତାରିଖରେ ଜି-୭ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଜି-୭ ସମ୍ମିଳନୀରେ ଭାରତର ଉପସ୍ଥିତି ବୈଶ୍ୱିକ ସ୍ତରରେ ବର୍ଦ୍ଧିତ ଦକ୍ଷତାକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା ପରେ ୧୮ ତାରିଖରେ ଶ୍ରୀ ମୋଦୀ ପ୍ୟାରିସ୍‌ଠାରେ ପହଞ୍ଚି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ମିଳିତ ଭାବେ ଭିଭାଟେକ୍-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ୟାରିସ୍‌ଠାରେ ଭାରତୀୟ ସଂପ୍ରଦାୟଙ୍କ ସହ ଶ୍ରୀ ମୋଦୀ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ୟୁରୋପ ଏବଂ ଜି-୭ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସଂପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ ଆଶା ବ୍ୟକ୍ତ କରିଛନ୍ତି ।

# ଡେରାଡୁନ୍- ପ୍ୟାରେଡ୍

ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ଭାରତୀୟ ସାମରିକ ଏକାଡେମୀରେ ଆଜି ୧୫୮ତମ ପାସିଙ୍ଗ୍ ଆଉଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେଇ ପାସିଙ୍ଗ୍ ଆଉଟ୍ ପରେଡ୍‌ର ଅଭିବାଦନ ଗ୍ରହଣ କରିଛନ୍ତି । ଏଥିସହ ଭାରତୀୟ ସେନା ୪୮୧ ଜଣ ଯୁବ ଅଧିକାରୀଙ୍କୁ ସ୍ୱାଗତ କରିଛି । ଏହା ବ୍ୟତୀତ ବିଭିନ୍ନ ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରର ୩୪ଜଣ ପ୍ରଶିକ୍ଷାର୍ଥୀ ମଧ୍ୟ ସେମାନଙ୍କର ତାଲିମ କାର୍ଯ୍ୟକ୍ରମ ଶେଷ କରିଛନ୍ତି । ପ୍ରଥମଥର ପାଇଁ ଏକାଡେମୀରୁ ୯ ଜଣ ମହିଳା କ୍ୟାଡେଟ୍

ଉତ୍ତୀର୍ଣ୍ଣ ହୋଇଛନ୍ତି । ମହିଳା ନେତୃତ୍ୱାଧୀନ ବିକାଶ କ୍ଷେତ୍ରରେ ଏହା ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ମୁର୍ମୁ ପାସିଙ୍ଗ୍ ଆଉଟ୍ ସମାବେଶକୁ ସମ୍ବୋଧନ କରି କହିଛନ୍ତି, ମହିଳା କ୍ୟାଡେଟ୍ ସଫଳତାର ସହ ଏହି ଏକାଡେମୀରୁ ଉତ୍ତୀର୍ଣ୍ଣ ହେବା ଏକାଡେମୀର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଭାରତୀୟ ସାମରିକ ଏକାଡେମୀ ସମ୍ମାନ, ସାହସ ଓ ରାଷ୍ଟ୍ରସେବାର ପ୍ରତୀକ ବୋଲି ରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି ।

ପାସିଙ୍ଗ୍ ଆଉଟ୍ କ୍ୟାଡେଟ୍‌ଙ୍କୁ ଜୀବନବ୍ୟାପୀ ଶିକ୍ଷାର୍ଥୀ ରହିବ, ସାହସିକ ନିଷ୍ପତ୍ତି ନେବା ଏବଂ ବର୍ଦ୍ଧିତ ସୁରକ୍ଷା ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ନୈତିକ ଦାୟିତ୍ୱ ନିର୍ବାହ କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ଏହି ସମାରୋହରେ ପ୍ରଶିକ୍ଷଣରେ ଉତ୍କର୍ଷତା ପ୍ରତିପାଦନ କରିଥିବା କ୍ୟାଡେଟ୍‌ଙ୍କୁ ରାଷ୍ଟ୍ରପତି ସମ୍ବର୍ଦ୍ଧିତ କରିଛନ୍ତି ।

## ପିଏମ୍-ଯୁବଶକ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ଯୁବବର୍ଗ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ବିନିର୍ମାଣ କ୍ଷେତ୍ର, ମହାକାଶ, ସେମିକଣ୍ଡକ୍ଟର ଏବଂ ଡ୍ରୋନ୍ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ବିଶ୍ୱ ସ୍ତରରେ ଏକ ପ୍ରମୁଖ ଷ୍ଟାର୍ଟଅପ୍ କେନ୍ଦ୍ର ଭାବେ ପରିପ୍ରକାଶ ପାଇଛି । ଏହି ସଫଳତା ଯୁବବର୍ଗଙ୍କ ଯୋଗୁଁ ସମ୍ଭବ ହୋଇପାରିଛି । କ୍ରୀଡ଼ା କ୍ଷେତ୍ରଠାରୁ ଆରମ୍ଭ କରି ଦେଶର ଭବିଷ୍ୟତ ଗଠନରେ ଯୁବବର୍ଗଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି । ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ଯୁବକ୍ରୀଡ଼ାବିତ୍

ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଇକୋସିଷ୍ଟମ୍, ନବସୃଜନ, ଉଦ୍ୟୋଗ କ୍ଷେତ୍ର ଆଦିକୁ ପ୍ରୋତ୍ସାହନ ପ୍ରଦାନ କରୁଛି । ଗତ ୧୨ବର୍ଷ ଧରି କେନ୍ଦ୍ରର ଏନ୍‌ଡିଏ ସରକାର ଯୁବ ନେତୃତ୍ୱାଧୀନ ବିକାଶ ଉପରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଆଇଏଏଫ୍ କ୍ରାସ୍ ଆସାମ

ଆସାମର ଜୋରହାଟ ବାୟୁସେନା ଘାଟିରେ ଆଜି ସକାଳେ ଭାରତୀୟ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ବାୟୁସେନା ଦେଇଥିବା ସୂଚନା ଅନୁଯାୟୀ ଏଏମ୍-୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିବା ପାଇଁ ଏକ ତଦନ୍ତ କମିଟି ଗଠନ କରାଯାଇଛି ବୋଲି ବାୟୁସେନା ସୂଚନା ଦେଇଛି ।

# ବେଟି ବଚାଓ-ବେଟି ପଢ଼ାଓ

ଦେଶବ୍ୟାପୀ କନ୍ୟା ସନ୍ତାନଙ୍କୁ ସଶକ୍ତ କରିବା ଏବଂ ସାମାଜିକ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାରେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଏକ ପ୍ରମୁଖ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ଉଭା ହୋଇଛଇ । ୨୦୧୫ ମସିହାରେ ଲିଙ୍ଗଗତ ଅସମାନତା ଏବଂ ବୈଷମ୍ୟକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । କନ୍ୟା ସନ୍ତାନଙ୍କର ସୁରକ୍ଷା, ଶିକ୍ଷା, ଏବଂ ବଞ୍ଚିବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିବାରେ ଏହି ଯୋଜନା ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ କହିଛି, ଗତ ଦଶନ୍ଧି ମଧ୍ୟରେ ଲିଙ୍ଗଗତ ଅସମାନତା ବହୁ ପରିମାଣରେ ହ୍ରାସ ପାଇଛି । ଶିକ୍ଷା କ୍ଷେତ୍ରରେ କନ୍ୟା ସନ୍ତାନଙ୍କର ଅଂଶ ଗ୍ରହଣ ବୃଦ୍ଧି ପାଇଛି । ମାଧ୍ୟମିକ ସ୍ତରରେ କନ୍ୟା ସନ୍ତାନଙ୍କର ନାମଲେଖା ୨୦୧୪-୧୫ରେ ରହିଥିବା ୭୫ ଦଶମିକ ୫/୧ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୪-୨୫ରେ ୮୦ ଦଶମିକ ୨ରେ ପହଞ୍ଚିଥିଲା ।୧ କନ୍ୟା ସନ୍ତାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା, ଗୋଷ୍ଠୀଗତ ସଂପୃକ୍ତି, ସଚେତନତା ଏବଂ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱିତ ଭାବେ କାର୍ଯ୍ୟ କରିବାରେ ଏହି ଯୋଜନା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଇରାନ-ୟୁଏସ୍ ପିସ୍ ଡିଲ୍

ସଂଘର୍ଷର ଅବସାନ ନେଇ ଆମେରିକା ସହିତ ଚୂଡ଼ାନ୍ତ ଶାନ୍ତିଚୁକ୍ତି ସ୍ୱାକ୍ଷରକୁ ଇରାନ୍ ପ୍ରତ୍ୟାଖ୍ୟାନ କରିଛି । ଅନ୍ୟପକ୍ଷରେ ଉଭୟ ଦେଶ ମଧ୍ୟରେ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ମିଳିଛି । ଗଣମାଧ୍ୟମ ସହ ସାକ୍ଷାତକାରରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚୀ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟର ଚୁକ୍ତି ନେଇ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଡିଜିଟାଲ୍ ଭାବରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବାର ସମ୍ଭାବନା ରହିଛି । ତେବେ ନୌସେନା ଅବରୋଧ ପ୍ରତ୍ୟାହାର ଏବଂ ଜବତ ଇରାନ ସମ୍ପତ୍ତି ମୁକ୍ତ ନ ହେବା ଯାଏଁ ଆମେରିକା ସହ ସ୍ଥାୟୀ ଚୁକ୍ତିକୁ ତେହେରାନ୍ ସମର୍ଥନ କରିବ ନାହିଁ ବୋଲି ଶ୍ରୀ ଅର୍ଘାଚୀ ସ୍ପଷ୍ଟ କରିଛନ୍ତି । ଦେଶର ଆର୍ଥିକ ଓ ସାର୍ବଜନୀନ ଅଧିକାରର

ସୁରକ୍ଷା ସୁନିଶ୍ଚିତ  ହେବା ଏବଂ ପ୍ରତିକୂଳ ପଦକ୍ଷେପର ପ୍ରତ୍ୟାହାର ଚୂଡ଼ାନ୍ତ ଚୁକ୍ତିର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ବୋଲି ଇରାନ କହିଛି ।

ଅନ୍ୟପକ୍ଷରେ ଇସ୍ଲାବାବାଦରେ ପାକିସ୍ତାନ ମଧ୍ୟସ୍ଥତାରେ ଚାଲିଥିବା ଆଲୋଚନାରେ ଏକ ଚିଠା ଚୁକ୍ତି ଉପରେ ଉଭୟ ଇରାନ ଓ ଆମେରିକା ସହମତ ହୋଇଥିବା ସୂଚନା ମିଳିଛି ।

---

## ଇବୋଲା-ଡେଥ୍

ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋରେ ଇବୋଲା ଜନିତ ମୃତ୍ୟୁସଂଖ୍ୟା ୧୩୯ ହୋଇଛି । ସେଠାକାର ସ୍ୱାସ୍ଥ୍ୟକର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ, ଦେଶରେ ଇବୋଲା ସଂକ୍ରମଣ ୬୮୯ରେ ପହଞ୍ଚିଛି । ଇଟୁରୀ ପ୍ରଦେଶରେ ୧୭ଟି ନୂତନ ସଂକ୍ରମଣ ମାମଲା ଚିହ୍ନଟ ହେବା ସହ ୫ ଜଣଙ୍କର ମୃତ୍ୟୁ ହୋଇଥିବା ରେକର୍ଡ କରାଯାଇଛି ବୋଲି ସେଠାକାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଦେଶର ଇଟୁରୀ, ଉତ୍ତର କିଭୁ ଓ ଦକ୍ଷିଣ କିଭୁ ଆଦି ପ୍ରଦେଶର ୩୯ ସ୍ୱାସ୍ଥ୍ୟ ଜୋନ୍‌ରେ ଇବୋଲା ସଂକ୍ରମଣ ବୃଦ୍ଧି ପାଇଥିବା ସେଠାକାର କର୍ତ୍ତୃପକ୍ଷ କହିଛନ୍ତି । ତେବେ ସୀମିତ ଚିକିତ୍ସା କ୍ଷମତା ଏବଂ ପାଣ୍ଠି ଅଭାବ ଯୋଗୁଁ ସଂକ୍ରମିତଙ୍କୁ ଚିକିତ୍ସା ଯୋଗାଣ ବ୍ୟାପକ ହୋଇପାରୁ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

---

## କ୍ରିକେଟ୍ ଇଣ୍ଡିଆ-ଏଫ୍‌ଜି ଓଡ଼ିଆଇ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ପୁରୁଷ ବର୍ଗ ୩ଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍ ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ବର୍ଷା ଯୋଗୁଁ ବିଳମ୍ବ ହୋଇଛି ।

ସିରିଜ୍‌ର ପରବର୍ତ୍ତୀ ୨ଟି ମ୍ୟାଚ୍ ଲକ୍ଷ୍ନୌ ଓ ଚେନ୍ନାଇଠାରେ ଖେଳାଯିବ ।

# ଫିଫା-ବିଶ୍ୱକପ୍

୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତାର ଗ୍ରୁପ୍-ଡିର ଏକ ମ୍ୟାଚ୍‌ରେ ଆମେରିକା ବିଜୟୀ ହୋଇଛି । ଲସ୍ ଏଞ୍ଜେଲ୍‌ସର ସୋଫାଇ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆମେରିକା' ପାରାଗୁଏକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ କାନାଡା ଏବଂ ବୋସ୍‌ନିଆ-ହର୍ଜେଗୋବିନା ମଧ୍ୟରେ ଖେଳ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି ।

# କ୍ରିକେଟ୍-ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଶମ ସଂସ୍କରଣରେ ଭାରତ ଆସନ୍ତା କାଲି ତା'ର ଅଭିଯାନ ଆରମ୍ଭ କରିବ । ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ । ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଗତକାଲି ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ୮୭ ରନ୍‌ରେ ବିଜୟୀ ହୋଇଛି । ପ୍ରାୟ ୧ମାସ ବ୍ୟାପି ଚାଲିବାକୁ ଥିବା ଏହି ବିଶ୍ୱକପ୍ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଇଂଲଣ୍ଡ ଓ ଓ୍ୱେଲ୍‌ସର ବିଭିନ୍ନ ସ୍ଥାନରେ ଖେଳାଯିବ । ଲର୍ଡସ୍ କ୍ରିକେଟ୍ ପଡ଼ିଆଠାରେ ଆସନ୍ତାମାସ ୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମଥର ଲାଗି ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ୭ଟି ସ୍ଥାନରେ ମୋଟ୍ ୩୩ଟି ମ୍ୟାଚ୍ ଖେଳାଯିବ ।